ପ୍ରେସ୍‌ନୋଟ୍ ।

# ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ ।

## ସମ୍ବର୍ଦ୍ଧିତ ହେଲେ ୧୮ ଜଣ କନ୍ୟା ରତ୍ନ ପ୍ରତିଭା ।

ଅନୁଗୋଳ,ତା. ୧୧.୧୦:- ବେଟି ବଚାଓ ବେଟି ପଢାଓ ଯୋଜନା ଅଧିନରେ କନ୍ୟା ସନ୍ତାନମାନଂକ ପ୍ରତି ହେଉଥିବା ନିର୍ଯ୍ୟାତନା ଓ ହିଂସାକୁ ପ୍ରତିହତ କରି ସେମାନଂକ ଠାରେ ଥିବା ସୃଜନଶୀଳ ପ୍ରତିଭାକୁ ଲୋକଲୋଚନକୁ ଆଣିବା ନିମନ୍ତେ ଆଜି ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ ହେଉଛି । ଅନୁଗୋଳରେ ଜୁମ୍ ବୈଠକ ମାଧ୍ୟମରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ କନ୍ୟାମାନଂକର ବିଭିନ୍ନ କ୍ଷେତ୍ରରେ ପ୍ରତିପାଦିତ କରିଥିବା ପାରଦର୍ଶିତାକୁ ପ୍ରଶଂସା କରିଥିଲେ । ସମାଜରେ ଶିଶୁ କନ୍ୟା ମାନଂକର ଦକ୍ଷତା ଓ ଗୁରୁତ୍ୱ ଉପରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ । ଲିଙ୍ଗଗତ ବୈଷମ୍ୟତାକୁ ଭୁଲି କନ୍ୟା ସନ୍ତାନମାନଂକୁ ସବୁ କ୍ଷେତ୍ରରେ ସମାନ ସୁଯୋଗ ଦେଲେ ଆମ ସମାଜ ସମୃଦ୍ଧ ହୋଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଶିଶୁମାନଂକର ସୁରକ୍ଷା ଓ ସେମାନଂକର ପାଠପଢାରେ ଉପସ୍ଥାନ ହାର କିପରି ବୃଦ୍ଧି ପାଇବ ସେ ସମ୍ପର୍କରେ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷର ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଂକର ବେହେରାଂକୁ ପରାମର୍ଶ ଦେଇଛନ୍ତି । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଯୋଗ ଦେଇ କନ୍ୟା ଶିଶୁ ମାନଂକୁ ବିଭିନ୍ନ କ୍ଷେତ୍ରରେ ଉତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଗତ ହାଇସ୍କୁଲ ସାର୍ଟିଫିକେଟ ପରିକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୦ ଜଣ ଛାତ୍ରୀଂକୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ । ଏହାଛଡା ୮ଟି ବ୍ଲକରୁ ଜଣେ ଲେଖାଏଁ ଆଶା କର୍ମୀ ଯେଉଁ ମାନେ ପ୍ରଥମ ତ୍ରୈମାସିକ ଗର୍ଭ ପଂଜିକରଣ ଶତ ପ୍ରତିଶତ କରିଛନ୍ତି ସେମାନଂକୁ ପି ସି ପି ଏନ୍ ଡି ଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପରିଚାଳନା କରିଥିବାବେଳେ ତାଂକ ବିଭାଗର କର୍ମକର୍ତ୍ତାମାନେ ଆବଶ୍ୟକ ସହଯୋଗ କରିଥିଲେ । ପି ସି ପି ଏନ୍ ଟି ଡିର ପି ଏ ଶ୍ରୀ ପର୍ଶୁରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


बेटी बचाओ
बेटी पढ़ाओ
CELEBRETION OF
INTER NATIONAL DAY OF THE
GIRL CHILD- 2020
" My Voice, our equal future "
Dt- 11th October, 2020
Falguni Kashap
Five Thousand only
11102020
5,000/-
Felicitated on the Occasion of
International Day of the Girld Child- 2020


बेटी बचाओ
बेटी पढ़ाओ
CELEBRETION OF
INTER NATIONAL DAY OF THE
GIRL CHILD- 2020
" My Voice, our equal future "
Dt- 11th October, 2020


CELEBRETION OF
INTER NATIONAL DAY OF THE
GIRL CHILD- 2020
“ My Voice, our equal future ”
Dt- 11th October 2020
बेटी बचाओ
बेटी पढ़ाओ

